## ସଂକ୍ଷେପରେ

### ନାଗ ଧରି ଜଙ୍ଗଲରେ ଛାଡିଲେ ରେସକ୍ୟୁୟର



ଜୁନାଗଡ଼,୧୦ା୫(ଡି.ଏନ.ଏ.): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦାସିଗାଁ ପଞ୍ଚାୟତର ବାନ୍ଧନପଲା ଓ ଚିଲକପୁର ଗ୍ରାମରୁ ୨ଟି ନାଗସାପକୁ ଉଦ୍ଧର କରି ଜଙ୍ଗଲରେ ଛଡାଯାଇଛି। ଅଞ୍ଚଳର ଜଣାଶୁଣା ସ୍ନେକ ରେସକ୍ୟୁୟର ବୀରେନ୍ଦ୍ର କୁମାର ସାହୁଙ୍କ ଖବର ଦେବା ପରେ ସାହୁ ବାନ୍ଦନପଲା ଓ ଚିଲକପୁର ଗାଁକୁ ଯାଇ ଉଭୟ ଗ୍ରାମରୁ ଦୁଇଟି ନାଗସାପ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ। ସାହୁଙ୍କ ଏହି କାର୍ଯ୍ୟ ଯୋଗୁ ସେ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇଛନ୍ତି।

### ଅପହୃତ ଯୁବକ ଉଦ୍ଧାର, ୪ଗିରଫ

ଅତାବିରା,୧୦ା୫(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ରେମୁଣ୍ଡା ଗ୍ରାମରୁ ଅପହରଣ ହୋଇଥିବା ଯୁବକ ଶ୍ରୀପତି କୁମ୍ଭାରଙ୍କୁ ମଙ୍ଗଳବାର ପୋଲିସ ସମ୍ବଲପୁର ଜିଲା ଧମା ଛକର ଏକ ଘରୁ ଉଦ୍ଧାର କରିଛି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଅର୍ଡ଼ା ଗ୍ରାମର ଚିତ୍ତରଞ୍ଜନ ବାଗ, ସିଂହପାଲି ଗ୍ରାମର ଦୀନବନ୍ଧୁ କୁଅଁର, ବିକାଶ ଜଗଦଲା ଏବଂ ସୁବଳ ମହାନନ୍ଦ। ସେମାନଙ୍କ ବିରୋଧରେ ଦଫା ୩୪୧, ୩୬୫, ୩୪୬, ୩୪ ଆଇପିସିରେ ଏକ ମାମଲା (ନଂ.୧୪୧/୨୨) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ଭେଡ଼େନ ଥାନା ଆଇଆଇସି ସଙ୍ଗୀତା ମହାପାତ୍ର କହିଛନ୍ତି। ପୋଲିସ ସୂଚନା ଅନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସୋମବାର ରେମୁଣ୍ଡା ଗ୍ରାମର ଶ୍ରୀପତିଙ୍କୁ ଅଭିଯୁକ୍ତମାନେ ଅପହରଣ କରିନେଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଅନୁସନ୍ଧାନ ଚଳାଇଥିଲା। କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ଧମା ଛକରେ ପହଞ୍ଚିଥିଲା ଏବଂ ସେଠାରୁ ଅପହୃତ ଯୁବକ ଶ୍ରୀପତିଙ୍କୁ ଉଦ୍ଧାର କରାଯାଇଥିଲା। ଅପହରଣ ସମୟରେ ବ୍ୟବହାର କରାଯାଇଥିବା କାର୍ (ନଂ.ଓଡ଼ି୧୫ୟୁ/୩୮୨୨)କୁ ପୋଲିସ ଜବତ କରିଛି।

### ୧୨ରୁ ଖୋଲିବ ଧାନ ମଣ୍ଡି

ବରଗଡ଼ ଅଫିସ୍,୧୦ା୫: ବରଗଡ଼ ଜିଲାରେ ଆସନ୍ତା ୧୨ତାରିଖରୁ ରବି ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଜିଲାର ଅତାବିରା ଓ ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ମଣ୍ଡିଗୁଡ଼ିକରୁ ଏହା ଆରମ୍ଭ ହେବ। ସେହିପରି ଆସନ୍ତା ୧୫ତାରିଖରୁ ପଦ୍ମପୁର ଆରଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକରୁ ଧାନ କିଣାବିକା ଚାଲିବ ବୋଲି ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସୂଚନା ଦେଇଛନ୍ତି। ପ୍ରକାଶଥାଉକି, ଗତ ୬ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପୂର୍ବରୁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ମାତ୍ର କେତେକ ଚାଷୀ ତାହା ପରିବର୍ତ୍ତନ କରିବା ପାଇଁ ପ୍ରଶାସନଠାରେ ଦାବି କରିବା ପରେ ୬ ତାରିଖରେ ମଣ୍ଡି ଖୋଲାଯାଇ ନ ଥିଲା।

# କାଉନସିଲରଙ୍କ ସ୍ୱାମୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

ସୋନପୁର/ତରଭା, ୧୦ା୫(ନି.ପ୍ର./ଡି.ଏନ.ଏ.)



ଏସ୍‌ପି ଅମରେଶ ପଣ୍ଡା ହତ୍ୟାକାଣ୍ଡ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ।

ସୁବର୍ଣ୍ଣପୁର ଜିଲା ତରଭା ଏନଏସି ୧୦ ନମ୍ବର ୱାର୍ଡର ବିଜେଡି କାଉନସିଲର ନଳିନୀ ନାଏକଙ୍କ ସ୍ୱାମୀ ତଥା ଗଡଭିତର ଅଞ୍ଚଳର ସଞ୍ଜୀବ୍ ଗୁରୁ ଓରଫ ରାଜା(୩୩)ଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ତରଭା ପୋଲିସ ଏହି ଘଟଣାରେ ରାଜାଙ୍କ କକା ପୁଅ ଭାଇ ଶ୍ରୀତମ ଭୂଷଣ ଗୁରୁ(୩୦)ଙ୍କୁ ଗିରଫ କରିଛି । ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାମାନ୍ୟ ବଚସାରୁ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଶନିବାର ରାତି ଅଢେଇଟାରେ ଜିଆଇ ପାଇପରେ ରାଜାଙ୍କ ମୁଣ୍ଡକୁ ବାଡେଇ ଶ୍ରୀତମ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଅଭିଯୁକ୍ତ ପୋଲିସ ନିକଟରେ ନିଜର ଦୋଷ ସ୍ୱୀକାର କରିଥିବା ଏସ୍‌ପି ଅମରେଶ କୁମାର ପଣ୍ଡା ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ କହିବା ଅନୁଯାୟୀ ମୃତ ସଞ୍ଜୀବ୍ ଓରଫ ରାଜା ଘଟଣା ଦିନ ରାତିରେ ନିଜ ଘର ଠାରୁ ଅଳ୍ପ ଦୂରରେ ଥିବା ନିଜ ଅଜାଙ୍କ ଘରେ ୩ ରୁ ୪ ଜଣ ସାଙ୍ଗଙ୍କ ସହିତ ମିଶି ମଦ୍ୟପାନ କରିଥିଲେ। ଶ୍ରୀତମ ଘଟଣାସ୍ଥଳରେ ପହଞ୍ଚି ମଦ ନିଶାରେ ଚୁର୍ ଥିବା ସାଙ୍ଗ ମାନଙ୍କୁ ସେମାନଙ୍କ ଘରେ ଛାଡିବା ସହିତ ଅନ୍ୟ ଜଣେ ସାଙ୍ଗଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର ବାରଣ୍ଡାରେ ଶୁଆଇ ଦେଇଥିଲେ। ଏପରି କି ରାଜାଙ୍କ ଖାଇବା ପାଇଁ ଶ୍ରୀତମ ଘରୁ ରୁଟି ଓ ତରକାରୀ ଆଣି ରଖିଥିଲେ । ମାତ୍ର ନିଶାରେ ସେ ଖାଇ ନ ଥିଲେ । କୌଣସି କାରଣରୁ ୨ ଭାଇଙ୍କ ମଧ୍ୟରେ ଝଗଡା ହୋଇଥିଲା । ପ୍ରଥମେ ରାଜା, ଶ୍ରୀତମଙ୍କୁ ଏକ ଚାପୁଡା ମାରିଥିଲେ। ଏଥିରେ ରାଗି ଯାଇ ଶ୍ରୀତମ ଜିଆଇ ପାଇପ୍‌ରେ ରାଜାଙ୍କ ମୁଣ୍ଡରେ ବାରମ୍ବାର ଆକ୍ରମଣ କରି ହତ୍ୟା କରିଥିଲେ। ଅଭିଯୁକ୍ତ ଘରକୁ ଫେରି ଜିଆଇ ପାଇପ ଓ ନିଜର ପୋଷାକ ଧୋଇ ସଫା କରିଥିଲେ । ତାଙ୍କ ଉପରେ କାହାରି ସନ୍ଦେହ ନ ହେବା ପାଇଁ ସକାଳେ ଅନ୍ୟ ଦିନ ଭଳି ସାଇକେଲିଂ କରିବା ସହ ବୁଲାବୁଲି କରିଥିଲେ। ପୋଲିସ ଶ୍ରୀତମଙ୍କ ଘରୁ ହତ୍ୟାକାଣ୍ଡରେ ବ୍ୟବହୃତ ପାଇପ୍ ଓ ପୋଷାକ ଜବତ କରିଛି। ଏ ସବୁକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଫରେନ୍‌ସିକ୍ ଲାବୋରେଟୋରିକୁ ପଠାଯିବ। ଅନ୍ୟପକ୍ଷେ ଅଭିଯୁକ୍ତ ଜଣେ ଏମଟେକ୍ ଛାତ୍ର ଓ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ। ତେଣୁ ପ୍ରମାଣ ସଂଗ୍ରହ କରି ତାଙ୍କୁ ଗିରଫ କରିବାରେ ବିଳମ୍ବ ହୋଇଥିଲା ବୋଲି ଏସ୍‌ପି ପଣ୍ଡା କହିଛନ୍ତି। ପ୍ରେମ ବ୍ୟାପାରକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ତରଭାରେ ଆଲୋଚନା ହେଉଥିବା ବେଳେ ପୋଲିସ ଏହାକୁ ଅସ୍ୱୀକାର କରିଛି। ଘଟଣାରେ ଅନ୍ୟମାନଙ୍କର କ'ଣ ଭୂମିକା ରହିଛି ତାର ତଦନ୍ତ ଚାଲିଥିବା ଏସ୍‌ପି କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିର୍ଙ୍ଗି ଓ ତରଭା ଥାନା ଆଇଆଇସି ସୁବ୍ରତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରବିବାର ସକାଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାଜାଙ୍କ ମୃତଦେହ ଠାବ ହୋଇଥିଲା। କାଉନସିଲର ନଳିନୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରା ଯାଇଥିବା ନେଇ ରବିବାର ଥାନାରେ ଅଭିଯୋଗ କରିଥିଲେ। ତରଭା ଥାନାରେ ୧୧୦/୨୨ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ କରିଥିଲା।

**ସାମାନ୍ୟ ବଚସାରୁ ବଡ ଭାଇଙ୍କୁ ହତ୍ୟା କରିଥିଲେ ସମ୍ପର୍କୀୟ ସାନ ଭାଇ**

# ବିଜେଡି କୃଷକ ମୋର୍ଚ୍ଚା ସଭାପତି ଗିରଫ

ବୌଦ୍ଧ/କନ୍ଧମାଳ, ୧୦ା୫ (ସ୍ୱ.ପ୍ର/ଡି.ଏନ୍.ଏ.)

**କନ୍ଧମାଳ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**



ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ଶାନ୍ତନୁ ଥାଟିଙ୍କୁ କୋର୍ଟ ଚାଲାଣ କରାଯାଉଛି।

ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ସହକାରୀ ଯନ୍ତ୍ରୀ ସ୍ମୃତିରଞ୍ଜନ ସେଠୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ବୌଦ୍ଧ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ଶାନ୍ତନୁ ଥାଟିଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଗତ ମାର୍ଚ୍ଚ ୧୬ରେ ସରକାରୀ ବାସଗୃହରେ ସହକାରୀ ଯନ୍ତ୍ରୀ ଥିବାବେଳେ ଥାଟି ଓ ତାଙ୍କର କେତେଜଣ ସହଯୋଗୀ ଯାଇଥିଲେ। ପୁରୁଣା ବିଲ ପାଶକୁ ନେଇ ଯନ୍ତ୍ରୀ ସେଠୀଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଥାଟି ଓ ତାଙ୍କର ସହଯୋଗୀ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଯନ୍ତ୍ରୀ ସେଠୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଏନେଇ କନ୍ଧମାଳ ଥାନାରେ ଏକ ମାମଲା ହୋଇଥିଲା। କନ୍ଧମାଳ ପୋଲିସ ଏହି ଆକ୍ରମଣ ଘଟଣାରେ ପୂର୍ବରୁ ଜଣେ ଅଭିଯୁକ୍ତ ସୌମ୍ୟରଞ୍ଜନ ମଲିକଙ୍କୁ ଗିରଫ କରିଥିଲା। କିନ୍ତୁ ମୁଖ୍ୟ ଅଭିଯୁକ୍ତ ଥାଟି ଫେରାର ହୋଇଯାଇଥିଲେ। ତୁରନ୍ତ ଗିରଫ ଦାବିରେ ଗତ ୧୭ ତାରିଖରେ ଜିଲାର ତିନି ବ୍ଲକ ଓ ଜିଲା ଯନ୍ତ୍ରୀ ସଂଘ ପକ୍ଷରୁ କଲମ ଛାଡ ଆନ୍ଦୋଳନ କରାଯାଇଥିଲା। ମଙ୍ଗଳବାର ଥାଟି ନିଜ ଘର ବରଗୋଛାଠାରେ ଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଗିରଫ ପରେ ତାଙ୍କୁ କନ୍ଧମାଳ କୋର୍ଟକୁ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯିବ ବୋଲି କନ୍ଧମାଳ ଥାନା ଅଧିକାରୀ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

# ଆନ୍ଧ୍ରପ୍ରଦେଶରେ ୪୬ ଦାଦନ ଶ୍ରମିକ ବନ୍ଧକ

ନୂଆପଡ଼ା ଅଫିସ,୧୦ା୫



ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲାର ଶହ ଶହ ଦାଦନ ଶ୍ରମିକ ବାହାର ରାଜ୍ୟକୁ କାମ କରିବାକୁ ଯାଇ ଇଟାଭାଟି ମାଲିକମାନଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ଅନେକ ଅଭିଯୋଗ ହେଉଛି। ଏହିକ୍ରମରେ ଖଡିଆଳ ଥାନା ତୁକଲା ଅଞ୍ଚଳର ଚାନ୍ଦେଲ ଗାଁ, ସରଧାପୁର ଓ ଲଖନା ଥାନା ଅଧୀନ ଶୁଆବାହାଲ ଗାଁର ୨୫ଜଣ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶର ଭୋକୁର କୋଠୁରରୋଡ ଜିଲା ନେଲୋରକୁ କାମ କରିବାକୁ ଯାଇଥିଲେ। ସେଠାରେ ଏସବିଏସ ବ୍ରିକ କ୍ଲିନର ମାଲିକ ଶ୍ରମିକମାନଙ୍କୁ ନିର୍ଯାତନା ଦେଇ ବନ୍ଧକ ରଖିଥିବା ଅଭିଯୋଗ ହୋଇଛି। ସେହିପରି କୋମନା ଥାନା ଟିକ୍ରାପଡା ପଞ୍ଚାୟତ ଜଗନ୍ନାଥପାଲି ଗାଁର ୨୧ଜଣ ଦାଦନ ଶ୍ରମିକଙ୍କୁ ବିଟିଏଲ ଇଟାଭାଟି ମାଲିକ ବିଶାଖାପାଟଣା ଜିଲା ପଣ୍ଡରଙ୍ଗୀ ଗାଁରେ ବନ୍ଧକ ରଖିଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଜିଲା ତୁରେକେଲା ଥାନା ଝରନୀ ପଞ୍ଚାୟତ ଅଧୀନ ତେତେଲଖୁଣ୍ଟି ଗାଁର ଦାଦନ ସର୍ଦ୍ଦାର ସପୁର ଖାଁ ଓ ଚାନ୍ଦେଲ ଗାଁର କାର୍ତ୍ତିକ ମଲ୍ଲିକ ଏମାନଙ୍କୁ ଅଗ୍ରୀମ ଟଙ୍କା ଦେଇ ଇଟା ନିର୍ମାଣ କରିବା ପାଇଁ ନେଇଥିଲେ। ଏମାନଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ନୂଆପଡା ଶ୍ରମିକ ମହାସଂଘ ଆବାହକ ଯଦୁମଣି ପାଣିଗ୍ରାହୀ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଶ୍ରମ ଅଧିକାରୀଙ୍କ ଅନୁପସ୍ଥିତିରେ ସହ ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧରୁଆ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଦାଦନ ଶ୍ରମିକମାନେ ଶୀଘ୍ର ଘରକୁ ଫେରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗିରିଧାରୀ ଲୁହାର, ରଞ୍ଜିତ ଗଉଡ, ବେଦ ମଲ୍ଲିକ, ଟ୍ରେଡ ୟୁନିୟନ ସଭାପତି ଭକ୍ତବନ୍ଧୁ ଧରୁଆ, ହେମ ସାଗର ମାଝି ପ୍ରମୁଖ ବନ୍ଧକ ଦାଦନ ଶ୍ରମିକମାନଙ୍କୁ ଶୀଘ୍ର ଉଦ୍ଧାର ପାଇଁ ଦାବି କରିଛନ୍ତି।

**ଉଦ୍ଧାର ପାଇଁ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଦାବି**

# ବରଗଛ ଡାଳ ପଡ଼ି ନାବାଳିକା ମୃତ

ବରପାଲି,୧୦ା୫(ଡି.ଏନ.ଏ)

ମୁଣ୍ଡରେ ବରଗଛ ଡାଳ ପଡିଯିବାରୁ ମଙ୍ଗଳବାର ବରଗଡ଼ ଜିଲା ବରପାଲି ବ୍ଲକ ଭଟିଗାଁ ଗ୍ରାମର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତା ନାବାଳିକା ହେଲେ ସୁଶୀଲ ଭୁଏଙ୍କ ଝିଅ ସୋନାଲି ଭୁଏ(୧୫)। ସେ ସକାଳ ପ୍ରାୟ ୧୦ଟା ସମୟରେ କୌଣସି କାମରେ ଘର ପାଖ ବେଲବନ୍ଧକୁ ଯାଇଥିଲେ। ସେଠାରୁ ଫେରୁଥିବା ସମୟରେ ବରଗଛର ଏକ ଡାଳ ହଠାତ ତାଙ୍କ ମୁଣ୍ଡରେ ପଡିଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରପାଲି ଡାକ୍ତରଖାନା ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନାଯୋଗ୍ୟ, ସୋନାଲି ଏବର୍ଷ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। କିଛି ବର୍ଷ ତଳେ ତାଙ୍କ ବଡ଼ଭାଇଙ୍କର ମଧ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା।

# ନାବାଳିକା ଅପହରଣ, ବଳାତ୍କାର: ଯୁବକ ଗିରଫ

ଗୋଲାମୁଣ୍ଡା,୧୦ା୫(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ପୋଲିସ ନାବାଳିକାକୁ ଅପହରଣ ପରେ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ଚିଚିଆ ଗ୍ରାମର ମୁକେଶ ଅଘରିଆ (୨୨)। ସୂଚନା ଅନୁସାରେ ମୁକେଶ ଥାନା ଅଞ୍ଚଳର ଜଣେ ନାବାଳିକାକୁ ପ୍ରଥମେ ପ୍ରେମ ଜାଲରେ ଫଶାଇ ଅପହରଣ କରି ନେଇଥିଲେ। ନାବାଳିକାଙ୍କ ପରିବାର ଲୋକେ ଖୋଜାଖୋଜି କରି ନ ପାଇବା ପରେ ଗୋଲାମୁଣ୍ଡା ଥାନାରେ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଗୋଲାମୁଣ୍ଡା ଆଇଆଇଆସି ଯୁଗଳ ଶବର ଏକ ସ୍ୱତନ୍ତ୍ର ଟିମ ଗଠନ କରି ଯୁବକଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ରାୟଗଡାରୁ ଗିରଫ କରିଥିଲା। ଯୁବକଙ୍କୁ ପୋକ୍ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନାବାଳିକାଙ୍କ ୧୬୪ ବୟାନ ରେକର୍ଡ଼ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କରାଯାଇ ଶିଶୁ କଲ୍ୟାଣ କମିଟିରେ ଛାଡି ଦିଆଯାଇଛି।

# ନିମ୍ନମାନର ଶୌଚାଳୟ ନିର୍ମାଣ ଅଭିଯୋଗ

ନୂଆପଡ଼ା ଅଫିସ,୧୦ା୫

**ବ୍ୟବହାର ପୂର୍ବରୁ ଭାଙ୍ଗି ପଡ଼ିଛି**



ବ୍ୟବହାର ପୂର୍ବରୁ ଶୌଚାଳୟ ଭଙ୍ଗିଯାଇଛି।

କେନ୍ଦ୍ର ସରକାରଙ୍କ ଅନେକ ଲୋକାଭିମୁଖୀ ଯୋଜନା ମଧ୍ୟରୁ ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଅନ୍ୟତମ। ସ୍ୱଚ୍ଛ ଓ ପରିଷ୍କାର ରଖିବା ସହ ବାହ୍ୟମଳମୁକ୍ତ ଗାଁ କରିବା ପାଇଁ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ନ ଦେଇ ବାହାର ରାଜ୍ୟର ଲୋକମାନଙ୍କୁ ଠିକାରେ ଦିଆଯାଉଥିବାରୁ ନିମ୍ନମାନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବାଲି, ସିମେଣ୍ଟ, ଗୋଡି କମ ପରିମାଣ ଓ ସିମେଣ୍ଟ ନିମ୍ନମାନର ବ୍ୟବହାର କରାଯାଉଥିବାରୁ ଲୋକେ ବ୍ୟବହାର ନ କରିବା ପୂର୍ବରୁ ଶୌଚାଳୟ ଭାଙ୍ଗିଯାଉଛି। ଶୌଚାଳୟ ଟାଙ୍କି ୩ଫୁଟ ବଦଳରେ ୨ ଫୁଟ କରାଯାଉଛି। ଟାଙ୍କିକୁ ଇଟାରେ କେବଳ ଜାଲି ମରାଯାଉଛି। ପ୍ଲାଷ୍ଟର କରାଯାଉ ନ ଥିବାରୁ ଅଳ୍ପ ବର୍ଷାରେ ପାଣି ପଶିଲେ ଟାଙ୍କି ଧସକି ଯାଉଛି। ଲାଭଖୋର ଅଧିକାରୀ, କର୍ମଚାରୀ ଓ ଠିକାଦାର ମିଶି ମନମୁଖୀ କାର୍ଯ୍ୟ ଚଳାଇଛନ୍ତି। ବାହାର ରାଜ୍ୟ ତଥା ବିହାର, ଝାଡଖଣ୍ଡ, ଉତ୍ତର ପ୍ରଦେଶର ଠିକାଦାରମାନେ ଏହି ଶୌଚାଳୟ କାର୍ଯ୍ୟ ଠିକାରେ କରୁଛନ୍ତି। ନୂଆପଡା ଏକ ଆଦିବାସୀ ଅଧ୍ୟୁଷିତ ଜିଲା ଆଦିବାସୀମାନଙ୍କ ସରଳତା ଦେଖି ସେମାନଙ୍କୁ ବାହାରୁ ଆସିଥିବା ଠିକାଦାରମାନେ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଜ୍ୟର ପ୍ରଥମ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜୁନାଗଡ,୧୦ା୫(ଡି.ଏନ.ଏ.)




ଉଦ୍‌ଘାଟନୀ ସମାରୋହରେ ଶକ୍ତିମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

କଳାହାଣ୍ଡି ଜିଲା ଜୁନାଗଡ ସହରରେ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ରାଜ୍ୟର ପ୍ରଥମ ବିଦ୍ୟୁତ୍ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଗ୍ରାହକ ସେବା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଶକ୍ତି କ୍ଷେତ୍ରରେ ଜୁନାଗଡ ମାଇଲଖୁଣ୍ଟ ହେବାକୁ ଯାଉଛି ବୋଲି ଶକ୍ତିମନ୍ତ୍ରୀ କହିଥିଲେ। ଏଠାରେ ପୂର୍ବରୁ ଜୁନାଗଡରେ ୩୩/୧୧ କେଭି ଗ୍ରୀଡ ଗୋଟିଏ ରହିଥିବାବେଳେ ବର୍ତ୍ତମାନ ବ୍ଲକର ଚିଚିଗୁଡା ଓ ମହିଚଲାରେ ୨ଟି କାର୍ଯ୍ୟକ୍ଷମ ହୋଇଛି। ଖୁବ୍‌ଶୀଘ୍ର ବ୍ଲକର ବଣିଜରା ଓ କରଚଲାଠାରେ ମଧ୍ୟ ୩୩/୧୧ କେଭି ଗ୍ରୀଡ ହେବାକୁ ଅନୁମୋଦନ ହୋଇଛି। ବ୍ଲକର ଦୁର୍ଗମ ତଥା ପାହାଡିଆ ଅଞ୍ଚଳ ଦୁନ୍ଦେଲମାଲ, ଦେଦର, ବାଙ୍କପଲାସ ଓ ବୁଡିଦର ଆଦି ୪ଟି ପଞ୍ଚାୟତ ମଧ୍ୟରେ ଏକ ୩୩/୧୧ କେଭି ଗ୍ରୀଡ କରାଯାଇ ଏଠାକାର ଚାଷୀଙ୍କୁ ଗଭୀର ନଳକୂପ (ଡିପ ବୋରୱେଲ) ସାହାଯ୍ୟରେ ଚାଷ ପାଇଁ ପାଣି ଯୋଗାଯିବ ବୋଲି କହିଥିଲେ। ସେହିପରି ଆସନ୍ତା କିଛି ମାସ ମଧ୍ୟରେ ଜୁନାଗଡକୁ ଇନ୍ଦ୍ରାବତୀରୁ ବିଦ୍ୟୁତ୍ ଯୋଗାଣ କରାଯିବ। ଏହାଦ୍ୱାରା ଅଞ୍ଚଳର ବିଦ୍ୟୁତ୍ ସମସ୍ୟା କମିବ ବୋଲି ସେ କହିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ସିଇଓ ଏସ୍ ଗଜାନନ ତାଣ୍ଡି, ମୁଖ୍ୟ ଅପରେଶନ୍ ସର୍ଭିସେସ ସୁମିତ ଘୋଷ, ଏଚ୍‌ଆର ମୁଖ୍ୟ କସମସ୍ ଲାକ୍ରା, ଏସ୍‌ଇ ଦେବଦତ୍ତ ସବ୍ୟସାଚୀ ମିଶ୍ର, ଜୁନାଗଡ ଏନ୍‌ଏସି ଅଧକ୍ଷ ମୁକେଶ ଅଗ୍ରୱାଲ, ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, ବ୍ଲକ ଅଧ୍ୟକ୍ଷା ସବିତା ମେହେର, ବିଡିଓ ଦୁଲାରାମ ମାରାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ ଲୋକନାଥ ଦାଶ ମଞ୍ଚ ପରିଚାଳନା କରିଥିଲେ। ସ୍ଥାନୀୟ ଏସ୍‌ଡିଓ ମନୋଜ ପଟ୍ଟନାୟକ ସମାରୋହ ପରିଚାଳନା କରିଥିଲେ।

**'ଶକ୍ତି କ୍ଷେତ୍ରରେ ଜୁନାଗଡ଼ ହେବ ମାଇଲଖୁଣ୍ଟ'**

# କୋର୍ଟରେ ଆତ୍ମସମର୍ପଣ କଲେ ୨ ଅଭିଯୁକ୍ତ

ଲୋଇସିଂହା,୧୦ା୫(ଡି.ଏନ.ଏ.)

**ରୂପକ ହନୁମାନ ହତ୍ୟାକାଣ୍ଡ**

ପୂର୍ବ ଶତ୍ରୁତାକୁ ନେଇ ବଲାଙ୍ଗୀର ଜିଲା ଲୋଇସିଂହାରେ ଗତ ଏପ୍ରିଲ ୩୦ ତାରିଖ ରାତିରେ ଘଟିଥିବା ରୂପକ ହନୁମାନ ହତ୍ୟାକାଣ୍ଡର ୨ ଅଭିଯୁକ୍ତ ସୋମବାର ଲୋଇସିଂହା କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମ ସମର୍ପଣ କରିଥିବା ଅଭିଯୁକ୍ତ ଦ୍ୱୟ ହେଲେ ଉଜଳ ଜାଲ ଏବଂ ସୁନ୍ଦର ସ୍ୱାଇଁ । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅପରପକ୍ଷେ ଏବେ ବି ଆଉ ଦୁଇ ଅଭିଯୁକ୍ତ ଫେରାର ଅଛନ୍ତି। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଲୋଇସିଂହା ପୋଲିସ ଗିରଫ କରିଥିବା ବେଳେ ୪ ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଥିଲେ । ଏହି ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିବା ବେଳେ ୧୦ ଦିନ ପରେ ୨ ଅଭିଯୁକ୍ତ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି।

ମୃତ ରୂପକ ହନୁମାନଙ୍କ ବଡଭାଇ ଦୀପକଙ୍କ ଅଭିଯୋଗ ମୁତାବକ, ଘଟଣା ଦିନ ସନ୍ଧ୍ୟାରେ ରୂପକ ଖାଇ ସାରି ଘରେ ଶୋଇଥିଲେ। ଇରିଗେଶନ କଲୋନୀର ସରୋଜ ବିଶିଙ୍କ ଫୋନ କଲ୍ ପାଇ ସେ ବ୍ଲକ ଛକକୁ ଆସିଥିଲେ। ଏହାର କିଛି ସମୟ ପରେ ତାଙ୍କ ଭାଇ ରୂପକ ଓ ସରୋଜଙ୍କୁ ଲୋଇସିଂହା ଜଡମୁଣ୍ଡାର ଉଜଳ ଜାଲ, ଏସ. ବାଗ, ଫସଡ ଗ୍ରାମର ଏସ. ବାରିକ, ସୁନ୍ଦର ସ୍ୱାଇଁ ଓ ଅଇଁଲାପାଲି ଗ୍ରାମର ଦେବାନନ୍ଦ ତାଣ୍ଡି ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଗୁରୁତର ଅବସ୍ଥାରେ ରୂପକ ଓ ସରୋଜଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ରୂପକଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ସରୋଜଙ୍କୁ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା। ସେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାଯାଇଛି । ତେବେ ଉପରୋକ୍ତ ବ୍ୟକ୍ତିମାନେ ତାଙ୍କ ଭାଇକୁ ପିଟିପଟି ମାରି ଦେଇଥିବା ଦୀପକ ଲୋଇସିଂହା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦେବାନନ୍ଦ ତାଣ୍ଡିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର କେଶ୍ ନଂ ୧୩୬/୨୨।

**ସହାୟତା ପାଇଁ ମା'ଙ୍କ ନିବେଦନ**

# ପାଠପଢ଼ାରେ ଅର୍ଥ ବାଧକ

ସମ୍ବଲପୁର,୧୦ା୫(ବ୍ୟୁରୋ)



ଦୁଇଝିଅଙ୍କ ସହ ମା' ଲକ୍ଷ୍ମୀ ମହାନନ୍ଦ।

ସମ୍ବଲପୁର ଜିଲା କ୍ଷେତରାଜପୁରର ଏକ ଘରୋଇ ସ୍କୁଲରେ ପଢୁଥିବା ହେମଲତା ମହାନନ୍ଦ ଏବେ ନବମ ଶ୍ରେଣୀକୁ ଉନ୍ନୀତ ହୋଇଛନ୍ତି। ଝିଅ ପାଠ ପଢାରେ ଅର୍ଥ ବାଧକ ସାଜିଛି ବୋଲି କ୍ଷେତରାଜପୁର ବନ୍ଧପଡାର ହେମଲତାଙ୍କ ମାଆ ଲକ୍ଷ୍ମୀ ମହାନନ୍ଦ କହିଛନ୍ତି। ସେ ଆହୁରି କହିଛନ୍ତି, ଏବେ ସ୍କୁଲ ପକ୍ଷରୁ ୩୦ ହଜାର ଟଙ୍କା ଦାଖଲ କରିବାକୁ କୁହାଯାଇଛି। ସ୍ୱାମୀ ଆରପାରିକି ଚାଲିଯିବା ପରେ ବହୁ କଷ୍ଟରେ ଦୁଇଝିଅକୁ ନେଇ ପରିବାର ପ୍ରତିପୋଷଣ କରୁଛି। ଦିନ ମଜୁରି କରି ରୋଜଗାର କରୁଥିଲି। କିଛିମାସ ହେବ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଆଉ ମଜୁରି ଲାଗି ପାରୁନାହିଁ। ଦୁଇମୁଠା ଖାଇବା ପାଇଁ ରୋଜଗାର କରିବା କଷ୍ଟକର ହୋଇପଡିଛି। ଏବେ ଏତେଗୁଡାଏ ଟଙ୍କା କେଉଁଠୁ ଆସିବ। ଝିଅ ଭଲ ପାଠ ପଢୁଛି। ମାଗଣାରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଯୋଜନାରେ ଘରୋଇ ସ୍କୁଲରେ ପଢୁଥିଲା। ସ୍କୁଲ କର୍ତ୍ତୃପକ୍ଷ ଫି ମାଗୁଥିବାରୁ ଆର୍ଥିକ ସଙ୍କଟ ଯୋଗୁ ଆଗକୁ ପଢାଇ ପାରିବି ନାହିଁ। ଯଦି କେହି ବଦାନ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନ ସହଯୋଗର ହାତ ବଢାଇବେ ତା'ହେଲେ ଝିଅ ଆଗକୁ ପଢିପାରିବ। ଝିଅମାନେ ଭଲ ପାଠ ପଢି ସରକାରୀ ଚାକିରି କରିବେ ବୋଲି ସ୍ୱାମୀଙ୍କ ସ୍ୱପ୍ନ ରହିଥିଲା। ସହାୟତା ମିଳିଲେ ତାଙ୍କ ସ୍ୱପ୍ନ ପୂରା ହୋଇପାରନ୍ତା ବୋଲି ଲକ୍ଷ୍ମୀ କୋହଭରା କଣ୍ଠରେ କହିଥିଲେ। ଅନ୍ୟପଟେ ଆଗକୁ ଭଲ ପଢିବାର ଅଛ, ତେଣୁ ସହଯୋଗ କରିବାକୁ ହେମଲତା ଅନୁରୋଧ କରିଛନ୍ତି।

## ପାହାଡେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠନ

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବୁଢ଼ାରଜା ପାହାଡେଶ୍ୱର ବାବା ମନ୍ଦିର ଶୀତଳଷଷ୍ଠୀ ଯାତ୍ରା କମିଟି ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ରାଜେଶ ସିଂ ସଭାପତି ଓ ସୁଶାନ୍ତ କୁମାର ତନସନା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଗଣେଶ ମୁଣ୍ଡା ଓ ଧିରେନ ବଛା ଉପସଭାପତି, ସତ୍ୟବାଦୀ ସାହୁ ଯୁଗ୍ମସମ୍ପାଦକ, ମଦନ ମୁଣ୍ଡା କୋଷାଧ୍ୟକ୍ଷ ରହିଛନ୍ତି। ନନ୍ଦ କିଶୋର ସାହୁ ସାଂସ୍କୃତିକ ସମ୍ପାଦକ ଓ କୈଳାସ ସାହୁ ଯୁଗ୍ମ ସାଂସ୍କୃତିକ ସମ୍ପାଦକ ହୋଇଛନ୍ତି। ସୁଶାନ୍ତ ପୁରୋହିତ, ଧନକିଶୋର ଯାଦବ, ସନତ କୁମାର ନାଥ, ବିଜୁ ଦୋରା ଆଇନ ପରାମର୍ଶଦାତା ରହିଛନ୍ତି।

## ସଂକ୍ଷେପରେ

### ବୃଦ୍ଧାଙ୍କୁ ଦଳିଦେଲା ଦନ୍ତା ହାତୀ

ସମ୍ବଲପୁର, ୧୦ା୫(ବ୍ୟୁରୋ): ସମ୍ବଲପୁର ବନଖଣ୍ଡ ପଡ଼ିଆବାହାଲ ରେଞ୍ଜ ଅନ୍ତର୍ଗତ ବୁରୋମାଲ ଗ୍ରାମରେ ମଙ୍ଗଳବାର ରାତିରେ ଏକ ଦନ୍ତାହାତୀ ଜଣେ ବୃଦ୍ଧାଙ୍କୁ ଦଳି ମାରି ଦେଇଛି। ବୃଦ୍ଧାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଏଣେତେଣେ ପଡିରହିଛି। ଖବର ପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି। ହେଲେ ହାତୀ ପଲ ଥିବାରୁ ସେମାନେ ମୃତକଙ୍କ ପାଖକୁ ଯାଇପାରି ନାହାନ୍ତି। ହାତୀ ଘଉଡାଇବା ପାଇଁ ଚେଷ୍ଟା ଜାରି ରହିଛି। ମୃତା ବୃଦ୍ଧାଙ୍କ ପରିଚୟ ମିଳି ନ ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

### ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୧୦ା୫(ବ୍ୟୁରୋ): ସମ୍ବଲପୁର ମଣ୍ଡଳ ରେଳ କାର୍ଯ୍ୟାଳୟଠାରେ ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରାକ ମେଣ୍ଟେନର ଅଶୋକ କୁମାର, ପିଏମ୍ଏ ବିବି କୁମାରଙ୍କୁ ପ୍ରମାଣପତ୍ର ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ବରିଷ୍ଠ ମଣ୍ଡଳ ପରିଚାଳନା ପ୍ରବନ୍ଧକ ତନ୍ମୟ ମୁଖୋପାଧ୍ୟାୟ, ବରିଷ୍ଠ ମଣ୍ଡଳ ଯନ୍ତ୍ରୀ ପ୍ରସନଜିତ ଚୌଧୁରୀ ଓ ବରିଷ୍ଠ ନିରାପତ୍ତା ଅଧିକାରୀ ଶିବବ୍ରତ ଧଳ ଉପସ୍ଥିତ ଥିଲେ।

### ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ପଥପ୍ରାନ୍ତ ନାଟକ

ସମ୍ବଲପୁର,୧୦ା୫(ବ୍ୟୁରୋ): ସମ୍ବଲପୁର ଅଦୃଶ୍ୟ ନାଟ୍ୟ ଆଶ୍ରମ ପକ୍ଷରୁ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଥାଲାସେମିୟା, ସିକିଲସେଲ ରୋଗ ଉପରେ କଳାକାରମାନେ ସଚେତନାତ୍ମକ ନାଟକ ପରିବେଷଣ କରିଥିଲେ। ନାଟ୍ୟନିର୍ଦ୍ଦେଶକ ଅତିଶ କୁମାର ଶତପଥିଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ଭୂମିକାରେ ସଂକେତ କୁମାର, ଶୁଭମ ମେହେର, ଆକାଂକ୍ଷା ତନସନା, ସୁବ୍ରତ ଅମାତ, ସୁମିତ୍ରା ମାହକୁଡ, ପଙ୍କଜିନି ମେହେର, ରାଜ୍ୟଶ୍ରୀ ରାଉଳ ଅଭିନୟ କରିଥିଲେ।

### ୧୨ରୁ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ରାଉରକେଲା ଅଫିସ,୧୦ା୫: ରାଉରକେଲା ଇସ୍ପାତ କାରଖାନା କ୍ରୀଡା ବିଭାଗ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ସକାଳ ୬ଟାରେ ହେବାକୁ ଥିବା ଏହି ଗ୍ରୀଷ୍ମକାଳୀନ ଶିବିରରେ ରାଉରକେଲା ସମେତ ପଡୋଶୀ ରାଜ୍ୟରୁ ବହୁ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ଏହି ଶିବିରରେ ବିଭିନ୍ନ ଆଥଲେଟିକ୍ ସହ ବ୍ୟାଡମିଣ୍ଟନ, ବାସ୍କେଟବଲ, ବକ୍ସିଂ, କ୍ରିକେଟ, ଫୁଟବଲ, ହକି, ଟେବୁଲ ଟେନିସ, ସାଇକେଲିଂ ଭଳି ୧୪ଟି ବର୍ଗରେ କ୍ରୀଡା ତାଲିମ ପ୍ରଦାନ କରାଯିବ। ବିଭିନ୍ନ କ୍ରୀଡାରେ ଅଭିଜ୍ଞ ପ୍ରଶିକ୍ଷକମାନେ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଶିକ୍ଷଣ ଦେବେ। ଏହି ଶିବିର ମେ ୩୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି।

# ପୋଲିସର ରକ୍ତ ଅଭାବ ପୂରଣ ପ୍ରୟାସ

**ଗଣମାଧ୍ୟମ ପ୍ରତିନିଧି, ଏସ୍‌ଡିପିଓ ଦାନ କଲେ**

ସମ୍ବଲପୁର,୧୦ା୫(ବ୍ୟୁରୋ)

ଜିଲାର ବିଭିନ୍ନ ଡାକ୍ତରଖାନାରେ ରକ୍ତ ଅଭାବ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ରକ୍ତଦାନ ଶିବିର କରି ଏହି ଅଭାବ ପୂରଣ ପାଇଁ ବ୍ଲଡ ବ୍ୟାଙ୍କ ପକ୍ଷରୁ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଅନୁରୋଧ କରାଯାଇଥିଲା। ଏହାକୁ ରକ୍ଷା କରି ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ରେଙ୍ଗାଲି ଥାନା ପରିସରରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ରେଙ୍ଗାଲି ବ୍ଲକର ଗଣମାଧ୍ୟମ ପ୍ରତିନିଧି, ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବକମାନେ ରକ୍ତଦାନ କରିଥିଲେ। ମୋଟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ସଦର ଡାକ୍ତରଖାନା ବ୍ଲଡ ବ୍ୟାଙ୍କ ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ। ପ୍ରବଳ ଖରା ହେତୁ ରକ୍ତଦାନ ଶିବିର ଆୟୋଜନ ହୋଇପାରୁ ନାହିଁ। ତେଣୁ ବ୍ଲଡ୍‌ବ୍ୟାଙ୍କରେ ରକ୍ତ ଅଭାବ ରହିଛି। ଏଭଳି ପରିସ୍ଥିତିରେ ପୋଲିସର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ଦିନକ ପୂର୍ବରୁ ଶିବିର ଆୟୋଜନ କରାଯାଇଛି। ତେଣୁ ରକ୍ତଦାତା ସଂଖ୍ୟା କମିଯାଇଛି। ରକ୍ତ ସଙ୍କଟ ସମୟରେ ପୋଲିସ ସାମାନ୍ୟ ପ୍ରୟାସ କରିଛି ବୋଲି କହିଥିଲେ।



ରେଙ୍ଗାଲି ଥାନାରେ ଆୟୋଜିତ ରକ୍ତଦାନ ଶିବିର ।

## ଯୁବତୀଙ୍କୁ ବ୍ଲାକ୍ ମେଲିଂ, ଯୁବକ ଗିରଫ

କୁଚିଣ୍ଡା,୧୦ା୫(ଡି.ଏନ.ଏ.)

ମହୁଲପାଲି ଥାନା ଅଞ୍ଚଳର ଜନୈକା ଯୁବତୀଙ୍କ ଗାଧୋଉଥିବା ସମୟର ଫଟୋ ଉତ୍ତୋଳନ କରି ବ୍ଲାକମେଲିଂ କରିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଡବାହାଲ ଗ୍ରାମର ଅତୁଲ୍ୟ ଭଞ୍ଜ। ପୋଲିସ ଆଇପିସି ଦଫା ୩୫୪(ସି)/୩୫୪(ଡି)/୩୭୬(୨)(ଏନ)/୪୧୭/୫୦୬ରେ ମାମଲା (ନଂ.୮୦/୨୨) ରୁଜୁ କରି ଉଭୟଙ୍କ ଡାକ୍ତରୀ ମାଇନା ପରେ ମଙ୍ଗଳବାର ଅଭିଯୁକ୍ତ ଯୁବକଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ ଦେଢବର୍ଷ ତଳେ ଯୁବତୀ ଜଣକ ନିଜ ଘରେ ଗାଧୋଉଥିବା ସମୟରେ ଅତୁଲ୍ୟ ନିଜ ମୋବାଇଲରେ ତାଙ୍କର ଉଲଗ୍ନ ଫଟୋ ଉତ୍ତୋଳନ କରିଥିଲେ। ପରେ ଏହାକୁ ଯୁବତୀଙ୍କୁ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାପ ପ୍ରୟୋଗ କରିଥିଲେ। ନଚେତ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ବ୍ଲାକମେଲିଂ କରିଥିଲେ। ଲୋକ ଲଜ୍ୟା ଭୟରେ ଯୁବତୀ ଜଣକ ତାଙ୍କ ସହ ଶାରୀରୀକ ସମ୍ପର୍କ ରଖିବାକୁ ବାଧ ହୋଇଥିଲେ। ଇତିମଧ୍ୟରେ ଯୁବତୀଙ୍କ ଗତ ୯ତାରିଖରେ ଅନ୍ୟତ୍ର ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଅତୁଲ୍ୟ ବିବାହ ବନ୍ଦ କରିବାକୁ ଯୁବତୀଙ୍କୁ ଧମକ ଦେଇଥିଲେ। ମାତ୍ର ବିବାହ ବନ୍ଦ ନ ହେବାରୁ ଅତୁଲ୍ୟ ଯୁବତୀଙ୍କ ଫେସ୍‌ବୁକରେ ଏକ ଆକାଉଣ୍ଟ ଖୋଲି ଗତ ୫ତାରିଖରେ ଅନ୍ତରଙ୍ଗ ସମୟର ଫଟୋ ଓ ଭିଡିଓ ଅପ୍‌ଲୋଡ କରିଥିଲେ। ଏହା ଭାଇରାଲ ହେବା ପରେ ଯୁବତୀଙ୍କ ସହ ବିବାହ ସ୍ଥିର ହୋଇଥିବା ଯୁବକ ଜଣକ ବିବାହ ପାଇଁ ମନାକରି ଦେଇଥିଲେ। ପରେ ଯୁବତୀ ଜଣକ ମହୁଲପାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଆଧାରରେ ପୋଲିସ ତଦନ୍ତ କରି ଅତୁଲ୍ୟଙ୍କୁ ଗିରଫ କରିଥିବା ଆଇଆଇସି ସୁଶାନ୍ତ ଦାସ କହିଛନ୍ତି।

## ପ୍ରକାଶିତ ଖବର ଅନୁଧ୍ୟାନ କରିବେ ଅଧିକାରୀ

ଝାରସୁଗୁଡ଼ା ଅଫିସ,୧୦ା୫

**ବ୍ରଜରାଜନଗର ଉପନିର୍ବାଚନ**

ବ୍ରଜରାଜନଗର ଉପନିର୍ବାଚନ ପରିପ୍ରେକ୍ଷୀରେ ମିଡିଆ ସାର୍ଟିଫିକେଶନ ଓ ମନିଟରିଂ କମିଟି (ଏମ୍‌ସିଏମ୍‌ସି)ର ଏକ ବୈଠକ ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କମିଟି ଟିଭି, ସମ୍ବାଦପତ୍ର, ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ପେଡ ନିଉଜ ସମ୍ପର୍କିତ ଖବର ସମ୍ପର୍କରେ ଅନୁଧ୍ୟାନ କରି ରିଟର୍ଣ୍ଣିଂ ଅଧିକାରୀ ଓ ଏକ୍ସପେଣ୍ଡିଚର ଅବଜର୍ଭରଙ୍କୁ ତଥ୍ୟ ପ୍ରଦାନ କରିବ। ନିର୍ବାଚନରେ ନିର୍ଦ୍ଦିଷ୍ଟ ପ୍ରାର୍ଥୀ ସପକ୍ଷରେ କିମ୍ବା ବିପକ୍ଷରେ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଧ୍ୟାନ ପରେ ଏହା ବିଜ୍ଞାପନ ଅନ୍ତର୍ଭୁକ୍ତ ହେବ କି ନାହିଁ ତାହା ଏହି କମିଟି ତଦାରଖ କରିବ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁସାରେ ସତର୍କତାର ସହ ଏମ୍‌ସିଏମ୍‌ସି କାର୍ଯ୍ୟ କରିବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦୟାମୟ ପାଢ଼ୀ, ଡେପୁଟି କଲେକ୍ଟର ଯୋଗେନ୍ଦ୍ର ମାଝି, ପ୍ରଫେସର ଟହଲୁ ସାହୁ, ହିମାଂଶୁ ବେହେରା ଓ ଅଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ରେ ଜିଲାସ୍ତରୀୟ ସନ୍ତରଣ ଚୟନ ଶିବିର

ସମ୍ବଲପୁର,୧୦ା୫(ବ୍ୟୁରୋ)

ଆସନ୍ତା ୧୫ ତାରିଖରେ ସମ୍ବଲପୁର ଜିଲା ସ୍ତରୀୟ ସନ୍ତରଣ ଚୟନ ଶିବର ଅନୁଷ୍ଠିତ ହେବ। ଏ ନେଇ ଡା. ଝସକେତନ ସାହୁ ସନ୍ତରଣାଗାରଠାରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା କ୍ରମେ ଜୁନିୟର ଓ ସବ୍‌ଜୁନିୟର ବିଭାଗରେ ବିଭିନ୍ନ ଇଭେଣ୍ଟ ହେବ। ଏଥିରେ କୃତିତ୍ୱ ହାସଲ କରିଥିବା ଖେଳାଳିମାନେ ଚଳିତମାସ କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣଗାରଠାରେ ହେବାକୁ ଥିବା ୬୨ତମ ପ୍ରତିଯୋଗିତାରେ ଜିଲା ପାଇଁ ପ୍ରତିନିଧିତ୍ୱ କରିପାରିବେ। ଏ ନେଇ ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

## ପୃଥକ୍ ସ୍ଥାନରେ ଦୁଇ ଯୁବକଙ୍କ ଆକସ୍ମିକ ମୃତ୍ୟୁ

ଲହୁଣୀପଡ଼ା, ୧୦ା୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅଞ୍ଚଳରେ ପୃଥକ ପୃଥକ୍ ସ୍ଥାନରେ ଦୁଇ ଯୁବକଙ୍କ ଆକସ୍ମିକ ଭାବେ ମୃତ୍ୟୁ ଘଟିଛି। ପୋଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଲହୁଣୀପଡା ଥାନା ଶଙ୍ଖପୋଷ ପଞ୍ଚାୟତ ଶଗଡ଼ିଆ ପୋଷ ଗ୍ରାମର କାଣ୍ଡେ ମୁଣ୍ଡା (୪୦) ସୋମବାର ନିଜଘର ଛପର କାମ ସାରି କିଛି ସମୟ ପରେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ସେହିଭଳି ଶସ୍ୟକଳା ପଞ୍ଚାୟତ ବରସୁଆଁ ଦୁଲାଲବସ୍ତିର ରବି ମୁଣ୍ଡା(୨୯) ସୋମବାର କାମ କରିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ। ଧୁଆଧୋଇ ହୋଇସାରି ନିଜ ଘରେ ଶୋଇଥିଲେ। ରାତି ପ୍ରାୟ ୯ଟାରେ ଖାଇବା ପାଇଁ ପରିବାର ଲୋକ ଉଠାଇବାରୁ ଜଣାପଡ଼ିଲା ଯେ, ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାଁରେ କୁଚିଣ୍ଡା ପୂର୍ବତନ ବିଧାୟକଙ୍କ ଏତଲା

କୁଚିଣ୍ଡା,୧୦ା୫ (ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଖଣ୍ଡୋକଟା ପଞ୍ଚାୟତର ଜୁନାନୀ ଗ୍ରାମରେ ଜଙ୍ଗଲ ନଷ୍ଟ କରି ଏକାଧିକ ପୋଖରୀ ଖୋଳାଯାଇଥିବା ଓ ଏହା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ପ୍ରରୋଚନାରେ ହୋଇଥିବା ଅଭିଯୋଗ କରି ମଙ୍ଗଳବାର କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ରବିନାରାୟଣ ନାଏକ କୁଚିଣ୍ଡା ଥାନାରେ ଅଭିଯୋଗ କରିଛନ୍ତି।

ପୂର୍ବତନ ବିଧାୟକ ନାଏକଙ୍କ ସହ ଭାଜପାର ଏକ ପ୍ରତିନିଧି ଦଳ ଜୁନାନୀ ଗ୍ରାମକୁ ଗସ୍ତକରି ବେଆଇନ ଭାବେ ଜଙ୍ଗଲରୁ ଗଛ କଟାଯାଇ ଖୋଳାଯାଇଥିବା ଏକାଧିକ ପାଉଁଶ ପୋଖରୀ ଦେଖିଥିଲେ। ଏଭଳି ବେଆଇନ ପୋଖରୀ ଖନନରେ ନିୟୋଜିତ କେତେକ ହାଇୱା, ଜେସିବି ଓ ଟ୍ରାକ୍ଟରକୁ କୁଚିଣ୍ଡା ତହସିଲ ପକ୍ଷରୁ ଜବତ କରି ଜରିମାନା କରାଯାଇଥିଲା। ଜବତ ଗାଡିଗୁଡିକୁ ରିଲିଜ ପାଇଁ ଅଶୋକ ପଟେଲ ନାମକ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଇ କୁଚିଣ୍ଡା ଅତିରିକ୍ତ ତହସିଲଦାର ସାରଦା ମହାରଣା ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଗଣମାଧ୍ୟମକୁ ଅତିରିକ୍ତ ତହସିଲଦାର ମହାରଣା ଦେଇଥିବା ମନ୍ତବ୍ୟରେ ସିଧାସଳଖ ଏଥିପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସଙ୍କୁ ଦାୟୀ କରି ପାଉଁଶ ପୋଖରୀ ଖନନର ଫାଇନ, ଗାଡି ଜବତ ବାବଦରେ ତାଙ୍କୁ ଧମକ ଦେଇଥିବା ପ୍ରକାଶ କରିଛନ୍ତି। ଏହି ଆଧାରରେ ଭାଜପା ପ୍ରତିନିଧି ମଣ୍ଡଳୀ ଉକ୍ତ ଅଞ୍ଚଳ ଗସ୍ତ କରି ଘଟଣାର ସତ୍ୟତା ଜାଣି ମନ୍ତ୍ରୀଙ୍କ ନାମରେ ଅଭିଯୋଗ କରିଥିବା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ କହିଛନ୍ତି। ଏ ସମ୍ପର୍କରେ ମନ୍ତ୍ରୀଙ୍କୁ ଫୋନରେ ଯୋଗାଯୋଗ କରିବାରେ ତାଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ ଭାଜପାର ଏତଲା ସମ୍ପର୍କରେ କୁଚିଣ୍ଡା ଆଇଆଇସି ଶୋଭାକର ସେଠଙ୍କୁ ପଚାରିବାରୁ ସେ କହିଥିଲେ, ଏ ନେଇ ତଦନ୍ତ କରାଯିବ। ରାଜସ୍ୱ ଓ ଜଙ୍ଗଲ ବିଭାଗ ଏ ବାବଦରେ ପଦକ୍ଷେପ ନେଇପାରିବେ। ଏହାଛଡା ଅଭିଯୋଗ ଉପରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି କହିଛନ୍ତି।



ଜୁନାନୀ ଅଞ୍ଚଳ ବୁଲିଦେଖୁଛନ୍ତି ଭାଜପା କର୍ମକର୍ତ୍ତା।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା, ଲୋକେ ହଇରାଣ

ଜମନକିରା,୧୦ା୫(ଡି.ଏନ.ଏ.)

ଜମନକିରା ବ୍ଲକ ଟିକିଲିପଡ଼ା ପଞ୍ଚାୟତ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ତାଲା ପଡ଼ିଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ବିଭିନ୍ନ କାମ ପାଇଁ ଆସିଥିବା ଲୋକେ ହଇରାଣ ହୋଇଥିଲେ। ବର୍ତ୍ତମାନ ସମୟରେ ମୁଖ୍ୟତଃ ଶ୍ରମିକ ପ୍ରମାଣପତ୍ର, ଭତ୍ତା ଆକାଉଣ୍ଟରେ ପଡୁ ନ ଥିବା ଭଳି ସମସ୍ୟା ନେଇ ଲୋକେ ପଞ୍ଚାୟତକୁ ଅଭିଯୋଗ ପାଇଁ ଆସୁଛନ୍ତି। ହେଲେ କାର୍ଯ୍ୟାଳୟରେ ପଞ୍ଚାୟତ ଅଧିକାରୀ ନ ଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି। ଏ ବିଷୟରେ ପଞ୍ଚାୟତ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯିବାରୁ ସେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଯାଇ ନ ଥିବା କହିଥିଲେ। ବିଡ଼ିଓ ଟୁନୁ ମେହେରଙ୍କୁ ପଚାରିବାରୁ ପଞ୍ଚାୟତ ଅଧିକାରୀ ଛୁଟି ପାଇଁ କୌଣସି ଦରଖାସ୍ତ ଦେଇ ନ ଥିବାରୁ ସେ ଏ ସମ୍ପର୍କରେ ଅବଗତ ନ ଥିବା କହିଥିଲେ।

## ଡକାୟତି ଯୋଜନା ବିଫଳ: ୨ ଗିରଫ

ରାଉରକେଲା ଅଫିସ,୧୦ା୫

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ବିଏସ୍‌ଏନ୍‌ଏଲ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଡକାୟତି କରିବା ଉଦ୍ୟମ ବିଫଳ ହୋଇଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶମ୍ଭୁନାଥ ଘଡ଼େଇ ଓ ଶମ୍ଭୁ ସିଂ। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଅନ୍ୟ ୩ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁସାରେ, ବିଳମ୍ବିତ ରାତିରେ ଗୋପବନ୍ଧୁପାଲ୍ଲୀ ବିଏସ୍‌ଏନ୍‌ଏଲ ଛକ ନିକଟରେ ୫ ଜଣ ଯୁବକ ଡକାୟତି କରିବାକୁ ଯୋଜନା କରିଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ ଗାଡି ଦେଖି ୩ ଜଣ ଫେରାର ହୋଇ ଯାଇଥିବାବେଳେ ୨ ଜଣ ଧରାପଡ଼ିଥିଲେ। ପୋଲିସ ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଖଣ୍ଡା, ଗୁପ୍ତି ଓ ରୁମାଲ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୬୩।୨୨) ରୁଜୁ ହୋଇଛି ।

## ଆର୍‌ଏସ୍‌ପି କର୍ମଚାରୀଙ୍କ ପାଇଁ ଇ-ସେବା

ରାଉରକେଲା ଅଫିସ,୧୦ା୫

ଟାଉନ ଇଞ୍ଜିନିୟରିଂ ସମ୍ମିଳନୀ କକ୍ଷରେ ଆରଏସ୍‌ପି କର୍ମଚାରୀଙ୍କ ପାଇଁ ଇପିଏଫ୍‌ଓ ପୋର୍ଟାଲରେ ଇ-ନାମାଙ୍କନ ସେବା ଶିବିର ଶୁଭାରମ୍ଭ ହୋଇଛି। କାରଖାନାର କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ ଶତପଥୀ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସି ଆଣ୍ଡ ଆଇଟି ବିଭାଗର ସିଜିଏମ କେ. କେ ସେନଗୁପ୍ତା, କାର୍ମିକ ବିଭାଗର ଜିଏମ ଇନ୍‌ଚାର୍ଜ ବି. କେ କୁଲୁ, କାର୍ମିକ ୱାର୍କର୍ସ ବିଭାଗର ଜିଏମ୍ ଧୀରେନ୍ଦ୍ର ମିଶ୍ର, କାର୍ମିକ ବିଭାଗର ଡିଜିଏମ୍ ଏସ୍. ବଡପଣ୍ଡା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ପ୍ରତିଦିନି ୨ଶହ କର୍ମଚାରୀଙ୍କ ଇ-ନାମାଙ୍କନ, ଇପିଏଫ୍‌ଓ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସମ୍ପାଦକ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଶିବିର ୩ ମାସ ପାଇଁ ସକାଳ ୬ରୁ ୧୦ ଘଟିକା ଓ ଅପରାହ୍ନ ୬ରୁ ୯ ପର୍ଯ୍ୟନ୍ତ କାର୍ଯ୍ୟ କରିବ।

## ପ୍ରଚାର ମଙ୍ଗ ଧରିବେ ଭାଜପା ଏମ୍‌ପି, ବିଧାୟକ

ଝାରସୁଗୁଡ଼ା ଅଫିସ,୧୦ା୫

ବ୍ରଜରାଜନଗର ଉପନିର୍ବାଚନ ପରିଚାଳନାକୁ ନେଇ ଜିଲା ଭାଜପା ତରଫରୁ ବେହେରାମାଳସ୍ଥିତ ଜିଲା କାର୍ଯ୍ୟାଳୟରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ବିଧାୟକ ଶଙ୍କର ଓରାମ, କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାୟକ, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ମଙ୍ଗଳ ସାହୁ, ନେତାଜୀ ପଟ୍ଟନାୟକ, ବିମଳେନ୍ଦୁ ଭୋଳ, ପ୍ରେମସେନ୍ ରାୟ ପ୍ରମୁଖ ଉପସ୍ଥିତ ରହି ଉପନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଦଳର ଏମ୍‌ପି, ବିଧାୟକ ଓ ରାଜ୍ୟସ୍ତରୀୟ ନେତୃବୃନ୍ଦ ପ୍ରଚାର ମଙ୍ଗ ଧରିବେ। ଏଥିମଧ୍ୟରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ବଲାଙ୍ଗୀର ଏମ୍‌ପି ସଙ୍ଗିତା ସିଂହଦେଓ, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟ ସଭାପତି ସମୀର ମହାନ୍ତି ଓ ଜିଲା ସଭାପତି ମଙ୍ଗଳ ସାହୁ ପ୍ରମୁଖ ରହିଛନ୍ତି।

# ଆସ ସ୍କୁଲ ଜିମା କାର୍ଯ୍ୟକ୍ରମ

ସମ୍ବଲପୁର,୧୦ା୫(ବ୍ୟୁରୋ)

**ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ପୁରୁଣା ବଳାରଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଜିମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧି ଓ ଅଧାରୁ ପଢ଼ା ବନ୍ଦ କରୁଥିବା ପିଲାଙ୍କୁ ସ୍କୁଲ ଆଣିବା ଲାଗି ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ବିଦ୍ୟାଳୟରେ ଅଧିକାଂଶ ଛାତ୍ରୀଛାତ୍ର ଅନୁସୂଚିତ ଜାତି ତଥା ଆଦିବାସୀ ଶ୍ରେଣୀର। ଅନେକ ପିଲା ଅଧାରୁ ପଢ଼ା ଛାଡି ଚାଲି ଯାଉଛନ୍ତି। ସେଥିପାଇଁ ଗ୍ରାମଗୁଡିକରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଅଭିଭାବକଙ୍କୁ ସଚେତନ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ର ନିୟମିତ ବିଦ୍ୟାଳୟ ଆସିବେ ବୋଲି ଆଶା କରାଯାଉଛି। ପ୍ରଧାନ ଶିକ୍ଷୟିତ୍ରୀ ଦିପାଳୀ ଚୌଧୁରୀଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ।




ବଳାରଙ୍ଗା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଆସ ସ୍କୁଲ ଜିମା କାର୍ଯ୍ୟକ୍ରମ।

# ଡାକ୍ତରଙ୍କ ନାମରେ ମାମଲା, ଭାଜପାର ଦାବିପତ୍ର

ଝାରସୁଗୁଡ଼ା ଅଫିସ,୧୦ା୫

ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସମୟରେ ପ୍ରସୂତି ମହିଳାମାନଙ୍କୁ ମାଡ ମାରିବା ଜଣେ ଡାକ୍ତରଙ୍କୁ ମହଙ୍ଗା ପଡିଛି । ଏ ନେଇ ଜଣେ ପ୍ରସୂତିଙ୍କ ସ୍ୱାମୀ ବ୍ରଜରାଜନଗର ଗଙ୍ଗାନଗର ନିବାସୀ ବିଶାଳ ସିଂହ ସମ୍ପୃକ୍ତ ଡା. ସଚ୍ଚିଦାନନ୍ଦ ଦନ୍ତାଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ୨୪୭/୨୨) ରୁଜୁ କରିଛି। ସେହିପରି ଅନ୍ୟଜଣେ ପ୍ରସୂତି ମହିଳାଙ୍କ ବାପା ଝାରସୁଗୁଡାର ମୋଭିନ୍ ଖାନ୍ ମଧ୍ୟ ପୋଲିସ ଓ ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହା ଆଧାରରେ ସିଡିଏମ୍‌ଓ ଡା. ତୋଲାମଣି ପଟେଲଙ୍କ ନିର୍ଦ୍ଦେଶକ୍ରମେ ଏକ ୩ଜଣିଆ କମିଟି ଗଠନ କରାଯାଇ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ଜିଲା ଭାଜପା ପକ୍ଷରୁ ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ମର୍ମରେ ମଙ୍ଗଳବାର ଏକ ପ୍ରତିନିଧି ଦଳ ସିଡିଏମ୍‌ଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି ତ୍ରିନାଥ ଗୁଆଲ, ଗୋପାଳ ପଟେଲ, ଅଶୋକ ନାୟକ, ବିଶାଳ ସାଗର, ମାନୁ ସିଂହ, ବିଜୟ ସା, ମମତା ବେହେରା, ମମତା ସାହୁ, ଲକ୍ଷ୍ମୀ ଉର୍ମା, ପିଙ୍କି ଦୀପ୍, ଯମୁନା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ କେତେଜଣ ଗର୍ଭବତୀ ମହିଳା ପ୍ରସୂତି ପାଇଁ ଆସିଥିବାବେଳେ ସେମାନଙ୍କୁ ଚିକିତ୍ସା ପାଇଁ ଅପରେଶନ ଥିଏଟରକୁ ନିଆଯାଇଥିଲା। ସେଠାରେ ଆନେସ୍ଥେସିଆ ଇଞ୍ଜେକଶନ ଦେଇ ଡା. ଦନ୍ତା ସେମାନଙ୍କୁ ଚିକିତ୍ସା କରିବାବେଳେ ଗାଲିଗୁଲଜ କରିବା ସହ ମୁଣ୍ଡବାଳକୁ ଟଣାଓଟରା କରି ମାଡ ମାରିଥିବା ଅଭିଯୋଗ ହୋଇଥିଲା।

**ପ୍ରସୂତିଙ୍କୁ ମାଡ଼ ମାରିବା ଘଟଣା**




ଭାଜପା କର୍ମୀମାନେ ଜିଲା ସିଡିଏମ୍‌ଓଙ୍କୁ ଭେଟିବାକୁ ଆସିଛନ୍ତି।

## କେସିଙ୍ଗା ମହାବିଦ୍ୟାଳୟକୁ ମିଳିଲା ପଟ୍ଟା

କେସିଙ୍ଗା,(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ମହାବିଦ୍ୟାଳୟକୁ ଦୀର୍ଘ ୪୧ ବର୍ଷ ପରେ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ମଙ୍ଗଳବାର ଜମି ପଟ୍ଟା ପ୍ରଦାନ କରାଯାଇଛି। କେସିଙ୍ଗା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ଦୁଇଟି ଜମି ପଟ୍ଟା ତହସିଲଦାର ଜ୍ୟୋତିର୍ମୟ କର ମହାବିଦ୍ୟାଳୟ ପ୍ରିନ୍ସିପାଲ କୈଳାଶ ଚନ୍ଦ୍ର ସାହାଙ୍କୁ ଜମି ପଟ୍ଟା ପ୍ରଦାନ କରିଛନ୍ତି। କେସିଙ୍ଗା ମହାବିଦ୍ୟାଳୟ ନାମରେ ୬.୩୩୦ ଏକର ଓ ଉଚ୍ଚ ମହାବିଦ୍ୟାଳୟ ନାମରେ ୩.୨୮୦ ଏହିପରି ୮.୪୫୯ ଏକର ଜମି ପଟ୍ଟା ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ତହସିଲଦାର ଏହା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ବୌଦ୍ଧ ଜିଲା କ୍ରିକେଟ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ୨୭ରେ

ବୌଦ୍ଧ,୧୦।୫(ସ୍ୱ.ପ୍ର.): ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ବୌଦ୍ଧ ଜିଲା କ୍ରିକେଟ ସଂଘର ଅନିୟମିତତା ମାମଲା ବୌଦ୍ଧ ଜିଲାପାଳଙ୍କ ଅଦାଲତରେ ବିଚାର ପରେ ଗତ ୫ ତାରିଖ ରାୟ ପ୍ରକାଶ ପାଇଥିଲା। ଜିଲାପାଳ ଲଲାଟେନ୍ଦୁ ମିଶ୍ର ୧୦ଦିନ ମଧ୍ୟରେ ଜିଲା କ୍ରିକେଟ ସଂଘର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରି ଏକମାସ ମଧ୍ୟରେ ନୂତନ କର୍ମକର୍ତ୍ତା ଚୟନ କରାଯିବାକୁ ଜିଲା କ୍ରୀଡ଼ା ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶରେ ମତଦାନ ପାଇଁ ୧୮୭ ଜଣଙ୍କ ମଧ୍ୟରୁ ୧୦୯ ଜଣଙ୍କ ସଦସ୍ୟ ପଦକୁ କାଏମ ରଖାଯାଇଛି। ଅତିରିକ୍ତ ଜିଲାପାଳ, ଜିଲା କ୍ରୀଡ଼ା ଅଧିକାରୀଙ୍କୁ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବାକୁ ଅଦାଲତ ଆଦେଶ ଦେବା ସହିତ ରାଜ୍ୟ କ୍ରିକେଟ ସଂଘର ଜଣେ ପ୍ରତିନିଧିଙ୍କୁ ମଧ୍ୟ ପ୍ରକ୍ରିୟାରେ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବିଜ୍ଞପ୍ତି ନମ୍ବର ୩୪୭୨/୧୦।୫।୨୦୨୨ ଅନୁଯାୟୀ ଜିଲା କ୍ରିକେଟ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୭ତାରିଖରେ ସ୍ଥାନୀୟ ଟାଉନହଲଠାରେ ଏହି ନିର୍ବାଚନ ଅନୁଷ୍ଠିତ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିପାଇଁ ୧୭ରେ ମତଦାତାମାନଙ୍କ ତାଲିକା ପ୍ରକାଶ, ୨୦ରେ ନାମାଙ୍କନପତ୍ର ଦାଖଲ, ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ, ୨୩ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୨୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୭ରେ ମତଦାନ ପରେ ସେହିଦିନ ହିଁ ଭୋଟ ଗଣତି ଓ ଫଳାଫଳ ଘୋଷଣା କରାଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

### ଥଇଥାନ ପାଇଁ ମନ୍ତ୍ରୀ, ପୌରାଧକ୍ଷାଙ୍କ ଦ୍ୱାରସ୍ଥ ହେଲେ ଦୋକାନୀ

ଟିଟିଲାଗଡ଼, ୧୦।୫ (ଡି.ଏନ.ଏ.) ଟିଟିଲାଗଡ ସହରରେ ସୋମବାର ପୌର ପରିଷଦ ପକ୍ଷରୁ ଦୋକାନ ଗୃହ ଉଚ୍ଛେଦ ନେଇ ହଇଚଇ ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ରାସ୍ତା କଡରେ ଦୋକାନ ଖୋଲି ନିଜ ଜୀବିକା ନିର୍ବାହ କରୁଥିବା ସହରର ଦେକାନୀମାନେ ବାରମ୍ବାର ଉଚ୍ଛେଦର ଶିକାର ହେବା ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବୁଲଡୋଜର ସମ୍ମୁଖରେ ଶୋଇ ଏହାର ପ୍ରତିବାଦ କରିଥିଲେ ଦୋକାନୀ। ହାଟପଦା ବଜାର ପ୍ରାଙ୍ଗଣ ସହ ସହରର ବିଭିନ୍ନ ଅଞ୍ଚଳର ଶତାଧିକ ଦୋକାନୀ ଉଚ୍ଛେଦର ଶିକାର ହୋଇଥିଲେ। ମଙ୍ଗଳବାର ଦେକାନୀମାନେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଏବଂ ପୌରାଧକ୍ଷା ମମତା ଜୈନଙ୍କ ଦ୍ୱାରସ୍ଥ ହୋଇ ନିଜର ସମସ୍ୟା ଜଣାଇଛନ୍ତି। ମନ୍ତ୍ରୀ ସାହୁ ସ୍ଥାୟୀ ବ୍ୟବସ୍ଥା ପାଇଁ ସେ ଉଦ୍ୟମ କରିବେ ବୋଲି ଆଶ୍ୱାସନା ଦେଇଥିବା ଜଣାଯାଇଛି। ଅପରପକ୍ଷରେ ନବନିର୍ବାଚିତ ପୌରାଧକ୍ଷା ଜୈନ ତାଙ୍କୁ ନ ଜଣାଇ ଦୋକାନ ଭଙ୍ଗାରୁଜା କରାଯାଉଥିବା ଦୋକାନୀଙ୍କ ଆଗରେ ପ୍ରକାଶ କରିଛନ୍ତି ।

### ଟ୍ରେନ୍ ରହଣି ପାଇଁ ରେଲୱେ ବୋର୍ଡ ପକ୍ଷରୁ ଚିଠି

ରୁପ୍ରା ରୋଡ,୧୦।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ୨ଟି ରେଲ ଷ୍ଟେସନ ନର୍ଲାରୋଡ ଓ ରୁପ୍ରାରୋଡରେ ଏଣିକି ଜଗଦଲପୁର, ହାୱଡା କୋରବା-ବିଶାଖାପାଟନମ ଓ ପୁରୀ-ଅହମଦାବାଦ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ରେଲୱେ ବୋର୍ଡ ପକ୍ଷରୁ ଚିଠି ପ୍ରେରଣ ହୋଇଥିବା ଜଣାପଡିଛି। ସୂଚନା ଯେ, ରୁପ୍ରାରୋଡ ଓ ନର୍ଲାରୋଡରେ ଏକ୍ସପ୍ରେସ ଟ୍ରେନ୍ ରହିବ ବୋଲି ରେଳ ବିଭାଗରୁ ଚିଠି ପହଞ୍ଚିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ରୁପ୍ରାରୋଡ ଷ୍ଟେଶନରେ ୨ଟି ଓ ନର୍ଲାରୋଡ ଷ୍ଟେଶନରେ ୩ଟି ଏକ୍ସପ୍ରେସ ଟ୍ରେନ ରହିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। କୋଭିଡ୍ ପୂର୍ବରୁ ନର୍ଲାରୋଡ ଓ ରୁପ୍ରାରୋଡ ଷ୍ଟେଶନରେ ରହୁଥିବା ଏକ୍ସପ୍ରେସ ଟ୍ରେନଗୁଡିକ ପୁନଃ ରହଣି ଦାବି ପୂରଣ ନ ହେବାରୁ ଅଞ୍ଚଳବାସୀ ଏପ୍ରେଲ ୧୦ରେ ବ୍ଲକ ଅଧକ୍ଷା ଓ ଉପାଧକ୍ଷଙ୍କ ନେତୃତ୍ୱରେ ରେଲରୋକୋ ଆନ୍ଦୋଳନ ହୋଇଥିବା ବେଳେ ନର୍ଲାରୋଡ ଷ୍ଟେଶନରେ ଏପ୍ରେଲ ୧୧ରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ରେଲୱେ ବିଭାଗ ଓ ଜିଲା ପ୍ରଶାସନିକଙ୍କ ବରିଷ୍ଠ ଅଧିକାରୀ ନର୍ଲାରୋଡ ରେଲଯାତ୍ରୀ ସୁରକ୍ଷା ସମିତି ସହ ଆଲୋଚନା କରି ଟ୍ରେନ ରହଣୀ ପାଇଁ ଏକମାସ ସମୟ ମାଗି ଆନ୍ଦୋଳନରୁ ଓହରିବା ପାଇଁ ଅନୁରୋଧ କରିବାରୁ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ମାସକ ମଧ୍ୟରେ ଅଞ୍ଚଳବାସୀଙ୍କ ଦାବି ରହିଥିବା ଉପରୋକ୍ତ ଏକ୍ସପ୍ରେସ ଟ୍ରେନଗୁଡିକ ରହିବ ବୋଲି ଚିଠି ଆସିଲା।

# ତଦନ୍ତ ବିଳମ୍ବକୁ ନେଇ ଏସ୍‌ପିଙ୍କୁ ଭେଟିଲା ଆକ୍ସନ କମିଟି

**ବଲାଙ୍ଗୀର ମେଡିକାଲ କଲେଜ ଛାତ୍ର ନିଶାନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା**

ବଲାଙ୍ଗୀର ଅଫିସ,୧୦।୫

ବଲାଙ୍ଗୀର ମେଡିକାଲ କଲେଜର ପ୍ରଥମ ବର୍ଷର ଛାତ୍ର ହରୟାଣାର ନିଶାନ୍ତ କୁମାରଙ୍କ ସନ୍ଦେହଜନକ ମୃତ୍ୟୁର ତଦନ୍ତ ବିଳମ୍ବ ହେଉଥିବା ଯୋଗୁ ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ବଲାଙ୍ଗୀର ଏକ୍ସନ କମିଟିର ଏକ ପ୍ରତିନିଧି ମଣ୍ଡଳ କମିଟିର ଆବାହକ ଗୋପାଳଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିଛନ୍ତି । ଗତ ଏପ୍ରିଲ ୨୨ ତାରିଖରେ ଛାତ୍ର ନିଶାନ୍ତ କୁମାରଙ୍କ ମୃତ୍ୟୁ ପରେ ଏକ୍ସନ କମିଟିର ଏକ ପ୍ରତିନିଧି ମଣ୍ଡଳ ମେଡିକାଲ କଲେଜର ଅଧକ୍ଷାଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ର‍୍ୟାଗିଂ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ କରିଥିଲେ। କଲେଜ ଅଧକ୍ଷାଙ୍କଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ନ ପାଇବାରୁ କମିଟି ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗଣମାଧ୍ୟମ ତଥା ସୋସିଆଲ ମିଡିଆର ତଥ୍ୟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ଯେ, ନିଶାନ୍ତ କୁମାରଙ୍କ ମୃତ୍ୟୁ ର‍୍ୟାଗିଂ ଯୋଗୁ ହୋଇଛି। ତେଣୁ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ବନ୍ଦ କରି ନିରପେକ୍ଷ ତଦନ୍ତ କରିବା ପାଇଁ ପ୍ରତିନିଧି ମଣ୍ଡଳ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାବ୍ୟତୀତ ବଲାଙ୍ଗୀର ସହରରେ ବଢ଼ି ଚାଲିଥିବା ଅପରାଧ ଏବଂ ଟ୍ରାଫିକ ସମସ୍ୟା ବିଷୟରେ ମଧ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଆଜିର ପ୍ରତିନିଧି ମଣ୍ଡଳରେ ଏକ୍ସନ କମିଟିର ଉପସଭାପତି ମୁନା ପଟ୍ଟନାୟକ, ଭବାନୀ ଶତପଥୀ, ସାଗରିକା ଗୁରୁ, ଗିରିଶ ସିଂହଦେଓ, ଯୁବ ସଂଯୋଗକ ରିଲୁ ରଥ ଏବଂ ଯୁବ ସଭାପତି ବିନୋଦ କାଲସାଏ ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ସେବା ସମବାୟ ସମିତି ଗୃହ


ଭୂତକୋଠି ପାଲଟିଛି ସେବା ସମବାୟ ସମିତି କାର୍ଯ୍ୟାଳୟ।

ବାଉଁଶୁଣୀ,୧୦।୫(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀଠାରେ ଥିବା ସେବା ସମବାୟ ସମିତି କାର୍ଯ୍ୟାଳୟର ଗୃହଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଦଦରା ଘରେ ବର୍ତ୍ତମାନ ସମିତି କାର୍ଯ୍ୟାଳୟ ଚାଲିଥିବାବେଳେ ପାର୍ଶ୍ୱରେ ଥିବା ଛାତ ଘର ମଧ୍ୟ ପରିତ୍ୟକ୍ତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଉକ୍ତ ଘରେ ୧୯୮୫ରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା କାର୍ଯ୍ୟ କରୁଥିବାବେଳେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ପରେ ଉକ୍ତ ଘର ଖାଲି ରହିଥିଲା। ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଭୂତକୋଠିରେ ପରିଣତ ହୋଇଥିବା ଦେଖିବାକୁ ମିଳୁଛି। ସମବାୟ ବିଭାଗ ଅବହେଳା ଓ ସମିତିର ସମ୍ପାଦକ ପଦବି ଦୁଇ ବର୍ଷ ହେଲା ଖାଲି ପଡ଼ିଥିବା ହେତୁ ସମିତିର ପୁରୁଣା କୋଠା ମରାମତି ହୋଇପାରୁନାହିଁ ବୋଲି ଜନସାଧାରଣରେ ଅଭିଯୋଗ ହେଉଛି। ଭାଙ୍ଗିରୁଜି ନଷ୍ଟ ହେବା ଆଗରୁ ଉକ୍ତ କୋଠାର ପୁନରୁଦ୍ଧାର କରାଯିବାକୁ ଜନସାଧାରଣରେ ଦାବି ହେଉଛି।

# ଅବ୍ୟବହୃତ ହୋଇ ପଡିଛି ଅଙ୍ଗନୱାଡି ଗୃହ

ବରପାଲି,୧୦।୫(ଡି.ଏନ୍.ଏ)

ବରପାଲି ବ୍ଲକ ସୁଜିଆ ଗ୍ରାମରେ ଥିବା ଦୁଇଟି ନୂତନ ଅଙ୍ଗନୱାଡି ଗୃହ ଏପର୍ଯ୍ୟନ୍ତ ଅବ୍ୟବହୃତ ହୋଇ ପଡିରହିଛି। ଉଭୟ ଗୃହର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଠିକାଦାରଙ୍କୁ ଟଙ୍କା ମିଳି ନ ଥିବାରୁ ସେ ଗୋଟିଏ ଗୃହକୁ ତାଲା ପକାଇ ନିଜ ହେପାଜତରେ ରଖିଥବବା ଅଭିଯୋଗ ହୋଇଛି। ପ୍ରଶାସନିକ ଅବହେଳା ଯୋଗୁ ଏବେବି କୁନି କୁନି ପିଲାମାନେ ଗ୍ରାମର କ୍ଲବ ଘରେ ପଢିବାକୁ ବାଧ୍ୟ ହେଉଛନ୍ତି।

ସୂଚନା ଅନୁସାରେ, ସୁଜିଆ ଗ୍ରାମରେ ଥିବା ଦୁଇଟି ଅଙ୍ଗନୱାଡି କେନ୍ଦ୍ର ପାଇଁ ଗୋଟିଏ ବିପଦଶଙ୍କୁଳ ଗୃହ ରହିଥିଲା। ଏ ନେଇ ଗ୍ରାମବାସୀ ଅଭିଯୋଗ କରିବା ପରେ ୨୦୧୬-୧୭ରେ ଦୁଇଟି ନୂତନ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ


ନବନିର୍ମିତ ଅଙ୍ଗନୱାଡି ଗୃହରେ ତାଲା ପଡିଛି।

କାର୍ଯ୍ୟାଦେଶ ଦିଆଯାଇଥିଲା। ପରେ ପୁରୁଣା ଅଙ୍ଗନୱାଡି ଗୃହକୁ ଭଙ୍ଗାଯାଇ ଉକ୍ତ ଜାଗାରେ ଦୁଇଟି ନୂତନ ଗୃହ ନିର୍ମାଣ ହୋଇଥିଲା। ପ୍ରାୟ ବର୍ଷେ ତଳୁ ଉଭୟ ଗୃହ ସମ୍ପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଆଜିଯାଏ ତାହା ଅବ୍ୟବହୃତ ହୋଇ ପଡିରହିଛି। ଗୃହ ନିର୍ମାଣ କରିଥିବା ଠିକାଦାର ଶତ୍ରୁଘ୍ନ ରାଉତ ତାଙ୍କ ପ୍ରାପ୍ୟ ପାଇ ନ ଥିବା ଦର୍ଶାଇ ଗୋଟିଏ ଗୃହକୁ ତାଲା ପକାଇ ରଖିଛନ୍ତି। ଏ ସମ୍ପର୍କରେ ବରପାଲି ବିଡ଼ିଓ ତ୍ରିବିକ୍ରମ କୁମୁରାଙ୍କୁ ପଚାରିବାରୁ ସେ କିଛି ଜାଣି ନାହାନ୍ତି। କନିଷ୍ଠ ଯନ୍ତ୍ରୀଙ୍କୁ ପଚାରି ଯଥାଶୀଘ୍ର ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଭଡା ଘରୁ ଶିକ୍ଷକଙ୍କ ମୃତଦେହ ଜବତ

ଡୁଙ୍ଗୁରିପାଲି,୧୦।୫(ଡି.ଏନ.ଏ.)

ମଙ୍ଗଳବାର ସ୍ଥାନୀୟ ପୋଲିସ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ୨୬ ନଂ ଜାତୀୟ ରାଜପଥ ଷ୍ଟେଟ ବ୍ୟାଙ୍କ ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ତିନି ମହଲା କୋଠା ଘରୁ ଭଡାରେ ରହୁଥିବା ଜଣେ ଶିକ୍ଷକଙ୍କ ମୃତଦେହ ଜବତ କରିଛି । ମୃତକ ହେଲେ ଗଣନାଥ ମିର୍ଦ୍ଧା (୨୮)।

ପ୍ରକାଶ ଯେ, ସକାଳେ ଘର ମାଲିକଙ୍କ ଚାକର ଝାଡୁ ମାରୁଥିବା ବେଳେ ଉପର ମହଲା କୋଠାରେ ଭଡାରେ ରହୁଥିବା ଶିକ୍ଷକ ଗଣନାଥଙ୍କ କବାଟ ସମ୍ମୁଖରେ ରକ୍ତ ବହିଥିବା ଦେଖିବାକୁ ପାଇଥିଲେ । ସେ ଏ ନେଇ ଘର ମାଲିକଙ୍କୁ ଜଣାଇଥିଲେ। ଘର ମାଲିକ ଡୁଙ୍ଗୁରିପାଲି ପୋଲିସକୁ ସୂଚନା ଦେବା ପରେ ଥାନାଧିକାରୀ ଭାନୁଶଙ୍କର ଯାଦବ, ସବ୍ ଇନ୍‌ସପେକ୍ଟର ସରୋଜ କୁମାର ପାଣିଗ୍ରାହୀ ଓ ପୋଲିସ ଟିମ୍ ପହଞ୍ଚିଥିଲେ। ଖବର ପାଇ ରାମପୁର ଅତିରିକ୍ତ ତହସିଲଦାର ଶ୍ୱେତପଦ୍ମା ଯୋଶୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ବରଗଡ ଜିଲା ଅତାବିରା ଥାନା ଗୌଉରଟିକିରା ନିକଟ ଗୁରୁଡ଼ିକିରାରେ ରହୁଥିବା ମୃତ ଶିକ୍ଷକଙ୍କ ବଡ଼ ଭାଇ ଗୋପାଳ ମିର୍ଦ୍ଧା ଓ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ପୋଲିସ କବାଟ ଭାଙ୍ଗି ଗଣନାଥ ଙ୍କ ମୃତଦେହ ଜବତ କରିଥିଲା । ମୃତ ଶିକ୍ଷକଙ୍କ ହାତ କଟା ହୋଇଥିବା ବେଳେ ବେକରେ ଏକ ଦଉଡି ଲାଗିଥିବା ଦେଖିବାକୁ ମିଳିଥିଲା । ବରପାଲି ପୋଲିସ ଓ ଡୁଙ୍ଗୁରିପାଲି ପୋଲିସ ମିଳିତ ଭାବେ ମୃତଦେହ ବ୍ୟବଚ୍ଛେଦ ପାଇଁ ବିନିକା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଥିଲେ । ଏ ନେଇ ଡୁଙ୍ଗୁରିପାଲି ଥାନାରେ କେଶ ନମ୍ବର ୫/୨୨ରେ ଏକ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରହିଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ଯାଦବ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ରବିବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ମୃତଦେହ ବରପାଲି ନିକଟରେ ଥିବା ରାନୀଯୋର ପୋଲ ତଳୁ ମିଳିଥିଲା । ଯୁବତୀ ଜଣକ ହେଲେ ବରପାଲି ବ୍ଲକ ଟେଜଙ୍ଗ ଗ୍ରାମର ଅନ୍ଧାରି ଦୀପ (୨୯) । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ । ଉକ୍ତ ଯୁବତୀଙ୍କ ସହ ଗଣନାଥଙ୍କ ପ୍ରେମ ସମ୍ପର୍କ ଥିବା ବେଳେ ଜାତି ଭିନ୍ନ ହୋଇ ଥିବାରୁ ବିବାହ କରି ପାରୁ ନ ଥିଲେ ।

# ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ପଟ୍ଟା ପ୍ରଦାନ


ଜଣେ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

ନୂଆପଡ଼ା ଅଫିସ,୧୦।୫

ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ନିର୍ଦ୍ଦେଶକ୍ରମେ ନୂଆପଡା ସଦର ବ୍ଲକ କୋଦୋମେରୀ ଗ୍ରାମରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଦର ତହସିଲଦାର ଦେବେନ୍ଦ୍ର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଉପସ୍ଥିତ ରହି ଓଡିଶା ଲୋକ ସେବା ଅଧିକାର ଅଧିନିୟମ ୨୦୧୨ର ବିଭିନ୍ନ ଦିଗ ଉପରେ ଲୋକମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଆପଣଙ୍କ ଅଧିକାର ଆମର କର୍ତ୍ତବ୍ୟ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ ବିଭାଗ ବିଭିନ୍ନ ସେବା ଉପରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭୂମିହୀନମାନଙ୍କୁ ଜମିପଟ୍ଟା ଓ ବିଭିନ୍ନ ପ୍ରମାଣପତ୍ର କରାଯାଇଥିଲା। ଇ-ପୋଉଟି ଆପ ମାଧ୍ୟମରେ ରାଜସ୍ୱ ଖଜଣା ଆଦାୟ କରାଯାଇଥିଲା। ଏହି ଆପ ବ୍ୟବହାର କରି ପ୍ରଜାମାନେ ରାଜସ୍ୱ ଖଜଣା ସୁବିଧାରେ ଦେଇ ପାରିବେ ବୋଲି ମତ ପାଇଥିଲା। ନୂଆପଡା ଅତିରିକ୍ତ ତହସିଲଦାର ଅଶେଷା ବାଗ, ଜୟସେନ ଧରୁଆ ଉପସ୍ଥିତ ଥିବା ବେଳେ ରାଜସ୍ୱ ପରିଦର୍ଶକ ଅରବିନ୍ଦ ଯୋଶୀ ପରିଚାଳନା କରିଥିଲେ।

# ଜଳବାୟୁ ପରିବର୍ତ୍ତନ ସହଣୀ କୃଷି ଉପରେ ଗୁରୁତ୍ୱ

ସୋନପୁର,୧୦।୫(ନି. ପ୍ର.)

ମଙ୍ଗଳବାର ସୋନପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଓଇପିକ୍ରା ଯୋଜନା ଉପରେ ଆଧାରିତ ଏକ କର୍ମଶାଳା ସହାଭାଗୀ ଅନୁଷ୍ଠାନ ଆଇଆରଡିଏମଏସ, ଜୋନ-୫ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଆଇଆରଡିଏମଏସ, ଜୋନ-୫ର ଟିମ ଲିଡର ପରୀକ୍ଷିତ ଚୌହାନ ଏଥିରେ ସଭାପତିତ୍ୱ କରିଥିଲେ। କର୍ମଶାଳାରେ କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ଜୀବନଜିତ ସେନ, ବୈଜ୍ଞାନିକ ସୁରଜ୍ୟୋତି ପ୍ରଧାନ, ତ୍ରିନାଥ ଖଣ୍ଡାୟତରାୟ, ଜିଲା ମତ୍ସ୍ୟ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକ, ନାବାର୍ଡର ଡିଜିଏମ ତାପସ ଶଙ୍କର ରାଉତ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସହଣୀ କୃଷି ଉପରେ ଆଲୋକପାତ କରିଥିଲେ। ସହଯୋଗୀ ବିଭାଗ ଏବଂ ସହଭାଗୀ ଅନୁଷ୍ଠାନର ମିଳିତ ସହଯୋଗରେ ଆଗାମୀ ଆର୍ଥିକ ବର୍ଷ ୨୦୨୨ -୨୩ ପାଇଁ ଯୋଜନା ପ୍ରସ୍ତୁତ ନିମନ୍ତେ ସ୍ଥିର ହୋଇଥିଲା। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଓଇପିକ୍ରା ଯୋଜନାରେ ପାଣି ପଞ୍ଚାୟତକୁ ସୁଦୃଢ଼ୀକରଣ କରାଯାଇ ତା ମାଧ୍ୟମରେ କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଅଗ୍ରଣୀ ଚାଷୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆରଡିଏମଏସର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

# ୧୧ ଦୃଷ୍ଟିହୀନ ଝିଅ ନେଲେ ଆତ୍ମରକ୍ଷା ତାଲିମ



ଦୃଷ୍ଟିହୀନ ଝିଅଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ।

ଭବାନୀପାଟଣା,୧୦।୫(ସ୍ୱ.ପ୍ର.)

ଦିନକୁ ଦିନ ମହିଳାମାନଙ୍କ ଉପରେ ହିଂସା ବଢିବାରେ ଲାଗିଛି। ବିଶେଷ କରି ଦୃଷ୍ଟିହୀନ ମହିଳା ତଥା ଝିଅମାନଙ୍କ କ୍ଷେତ୍ରରେ ଏଭଳି ଘଟଣା ଅଧିକ ରହିଛି। ତେଣୁ ଦୃଷ୍ଟିହୀନ ଝିଅମାନଙ୍କୁ ଭବିଷ୍ୟତରେ ଶତ୍ରୁକବଳରୁ ନିଜକୁ ରକ୍ଷା କରିବା ପାଇଁ ଭବାନୀପାଟଣାସ୍ଥିତ ସହଭାଗୀ ବିକାଶ ଅଭିଜାନଠାରେ ୫ ତାରିଖରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସାଇଟ ସେର୍ଭସ ପକ୍ଷରୁ ଆୟୋଜିତ ତାଲିମ ଶିବିରରେ ୧୧ଜଣ ଦୃଷ୍ଟିହୀନ ଝିଅଙ୍କୁ ତାଲିମ ଦିଆଯାଇଥିଲା। ସେମାନଙ୍କୁ ତାଲିମ ଦାତା ମୁମ୍ବାଇର ଅରବିନ୍ଦ ଖରେ ଯୋଗଦେଇ ତାଲମ ଦେଇଥିବାବେଳେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ୩ଜଣ ଏମଏସଡବ୍ଲୁ ଛାତ୍ରୀ ସହଯୋଗ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ସାଇଟ ସେଭର୍ସର ଜିଲାସ୍ତରୀୟ କର୍ମକର୍ତ୍ତା ଅଶୋକ ଶବର, ଇରଫାନ ଅଲ୍ଲୀ ଖାଁ ଓ ପ୍ରିୟବ୍ରତ ପାଢୀ ପ୍ରମୁଖ ଯୋଗଦେଇ ୧୧ଜଣ ଦୃଷ୍ଟିହୀନ ଝିଅଙ୍କୁ ଆତ୍ମସୁରକ୍ଷା ତାଲିମ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# ଦରମା ପ୍ରଦାନ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

**୧୮ ମାସର ଦରମା ପାଇନାହାନ୍ତି ଓଏଲ୍‌ଏମ୍ କର୍ମଚାରୀ**

ନୂଆପଡ଼ା ଅଫିସ,୧୦।୫

ରାଜ୍ୟର ଗ୍ରାମାଞ୍ଚଳ ଲୋକଙ୍କ ଜୀବନ ଜୀବିକାର ବିକାଶ କରିବା ଲକ୍ଷ୍ୟରେ ଓଡିଶା ଜୀବିକା ମିଶନ କାର୍ଯ୍ୟ କରୁଛି। ଏହି ମିଶନରେ କାର୍ଯ୍ୟରତ କର୍ମଚାରୀମାନେ ଦୀର୍ଘ ୧୮ ମାସ ହେବ ଦରମା ଦରମା ନ ପାଇ ନିଜ ଜୀବିକା ସହ ସଂଘର୍ଷ କରୁଛନ୍ତି। ନୂଆପଡା ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା, ଖାରବନ୍ଧ, ନୂଆପଡା ପରି ୫ରୁ ୭ଟି ଗ୍ରାମପଞ୍ଚାୟତ ଓଡିଶା ଜୀବିକା ମିଶନ ଅଧୀନରେ କାର୍ଯ୍ୟରତ ଏମବିକେ, ସିଆରପି ପରି ଛୋଟ କର୍ମଚାରୀମାନେ ୧୮ ମାସର ଦରମା ପାଇ ନାହାନ୍ତି। ଦରମା ପ୍ରଦାନ ପାଇଁ ସେମାନେ ମଙ୍ଗଳବାର ଜିଲାପାଳ କାର୍ଯ୍ୟାଳୟକୁ ଆସି ଜିଲାପାଳ ସ୍ୱାଧାଦେବ ସିଂ ସହିତ ସାକ୍ଷାତ କରିଥିଲେ। ଜିଲାପାଳ ଜିଲା ପ୍ରକଳ୍ପ ପରିଚାଳକ ଟିମନ ବାରାଙ୍କ ସହିତ ଆଲୋଚନା କରି ସବୁ ସମସ୍ୟା ଉପରେ ଅବଗତ ହେବା ପରେ ଏହା ସମାଧାନ ଶୀଘ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଦିବ୍ୟାଙ୍ଗଙ୍କୁ ଭିନ୍ନକ୍ଷମ ଆୟୁକ୍ତ ନିଯୁକ୍ତି ଦାବିରେ ଜନମତ ସଂଗ୍ରହ

କର୍ଲାମୁଣ୍ଡା,୧୦।୫(ଡି.ଏନ.ଏ.)

ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ନିଯୁକ୍ତି ମିଳିତ ମଞ୍ଚ ଓଡ଼ିଶା ପକ୍ଷରୁ ରାଜ୍ୟରେ ଜଣେ ଭିନ୍ନକ୍ଷମଙ୍କୁ ଭିନ୍ନକ୍ଷମ ଆୟୁକ୍ତ ଭାବେ ନିଯୁକ୍ତି ଦେବା ପାଇଁ ବିଭିନ୍ନ ସ୍ଥାନରେ ଜନମତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି ତଥା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ମଙ୍ଗଳବାର କର୍ଲାମୁଣ୍ଡା ବ୍ଲକ ସଦର ହସ୍ପିଟାଲ ଛକଠାରେ ଭୋଟ ବାକ୍ସ ଜରିଆରେ ଜନସାଧାରଣଙ୍କ ଜନମତ ସଂଗ୍ରହ କରାଯାଇଥିଲା। ଓଡ଼ିଶାରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆୟୁକ୍ତ ନିଯୁକ୍ତି ସୁଯୋଗ ମିଳିଲେ ଭିନ୍ନକ୍ଷମ ଭଉଣୀଭାଇମାନଙ୍କ ସମସ୍ୟା ଠିକ ଭାବେ ସମାଧାନ କରାଯାଇ ପାରିବ ବୋଲି ସୁରେଶ ଚୌଧୁରୀ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧଦେବ ସାହୁ, ମଗସିର ସାହୁ, ଲକ୍ଷଣ ସାହୁ, ବଷ୍ଟି ସାହୁ, ଦାମୋଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜନମତ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି।

# ଖୋଳାଯାଇଥିବା ରାଜପଥ ମରାମତି କରାଯାଉ

ବାଉଁଶୁଣୀ,୧୦।୫(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣି ଛକ ତଥା ୫୭ନଂ. ଜାତୀୟ ରାଜପଥ କଡ଼ଖୋଳାଯାଇ ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ମାସ ହେଲା ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ସକାଶେ ରାସ୍ତା କଡରେ ମେଶିନରେ ଖୋଳା ଯାଇଥିବା ଗାତ ଭଲ ଭାବରେ ପୋତା ଯାଇ ନ ଥିବା ହେତୁ ଲୋକେ ନାନା ହଇରାଣ ହେଉଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଆଜକୁ ବହୁ ମାସ ତଳେ ଜାତୀୟ ରାଜପଥ କଡରେ ପାଇପ ବିଛାଇବା


ବାଉଁଶୁଣି ଛକ ଜାତୀୟ ରାଜପଥ ଖୋଳାଯାଇଛି।

ପାଇଁ ଗାତ ଖୋଳିଥିଲା। ପାଇପ ପୋତି ସାରିବା ପରେ ଠିକ ଭାବରେ ଗାତ ପୋତି କଂକ୍ରିଟ କରିବାର ନିୟମ ଥିଲେ ମଧ୍ୟ ତାହା ନ କରି ଠିକା ସଂସ୍ଥା ଅଧାପନ୍ତରିଆ କରି ଛାଡି ଦେଇଛି। ଫଳରେ ଲୋକେ ରାସ୍ତା କଡ଼ ଫୁଟପାଥରେ ଯାତାୟତ କରିବାକୁ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ରାସ୍ତା କଡରେ ଥିବା ଦୋକାନଗୁଡିକୁ ଗ୍ରାହକମାନେ ଯିବା ଆସିବା କରିବା ମଧ୍ୟ କଷ୍ଟକର ହୋଇପଡୁଛି। ତେଣୁ ଜାତୀୟ ରାଜପଥ ବିଭାଗ ତୁରନ୍ତ ଏ ଦିଗରେ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି। ତୁରନ୍ତ ରାଜପଥ ଭଲଭାବେ ମରାମତି କରାଯାଉ ବୋଲି ଦାବି ହେଉଛି।